# କର୍ତାର ସିଂହ ଓରଫ୍ ନରଞ୍ଜନ ସିଂହ ଏବଂ ଅନ୍ୟମାନେ

# ବନାମ

# ପଞ୍ଜାବ ରାଜ୍ୟ

**ମାର୍ଚ୍ଚ 21, 1995**

**[କେ. ରାମାସ୍ୱାମୀ, ଏନ୍. ଭେଙ୍କଟଚଲା ଏବଂ ଏସ୍. ସାଘିର ଅହମ୍ମଦ, ନ୍ୟାୟମୂର୍ତ୍ତିବୃନ୍ଦ]**

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଧାରା 144 — ପ୍ରତ୍ୟର୍ପଣ ସିଦ୍ଧାନ୍ତ — 'ପରିଣାମସ୍ୱରୂପ' ର ଅର୍ଥ କ'ଣ — ଏହାର ଅଭିପ୍ରାୟ — ତ୍ରୁଟିପୂର୍ଣ୍ଣ ଡିକ୍ରି ଦ୍ୱାରା ଲାଭ ପାଇଥିବା ମକଦ୍ଦମାର ପକ୍ଷଙ୍କ ଉପରେ ରହିଥିବା ଦାୟିତ୍ୱ — ଅନ୍ୟ ପକ୍ଷ ଯାହା ହରାଇଥିବେ ତାହାର ପ୍ରତ୍ୟର୍ପଣ — ଏଥିରେ ସୁଧ ମଧ୍ୟ ଅନ୍ତର୍ଭୁକ୍ତ ।*

ଅପିଲକାରୀମାନଙ୍କର କିଛି ଜମି 'ଜମି ଅଧିଗ୍ରହଣ ଅଧିନିୟମ' ର ଧାରା 4 (1) ଅଧୀନରେ ଅଧିଗ୍ରହଣ କରାଯାଇଥିଲା ଏବଂ ସେମାନଙ୍କୁ 1,30,949.30 ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ବିଚାରାର୍ଥେ ପ୍ରେରଣ ପରେ, କ୍ଷତିପୂରଣ ରାଶି ମାର୍ଲା ପିଛା 300 ଟଙ୍କା ହାରରେ ବୃଦ୍ଧି କରାଯାଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ଦାୟର କରାଯାଇଥିବା ଅପିଲରେ, ଏହାକୁ ମାର୍ଲା ପିଛା 255 ଟଙ୍କାକୁ ହ୍ରାସ କରାଯାଇଥିଲା । ଅପିଲ ବିଚାରାଧୀନ ଥିବା ସମୟରେ, ଅପିଲକାରୀମାନେ ଏହି ଡିକ୍ରିକୁ କାର୍ଯ୍ୟକାରୀ କରିଥିଲେ ଏବଂ ବର୍ଦ୍ଧିତ କ୍ଷତିପୂରଣ ରାଶି ସୁଧ ସହିତ ଆଦାୟ କରିଥିଲେ ।

ରାଜ୍ୟ ସରକାର ଅତିରିକ୍ତ ଅର୍ଥରାଶିକୁ ସୁଧ ସହିତ ଫେରସ୍ତ ପାଇବା ପାଇଁ ସି. ପି. ସି. ଧାରା 144 ଅଧୀନରେ ଏକ ଆବେଦନ ଦାୟର କରିଥିଲେ । ଅପିଲକାରୀମାନେ ଅତିରିକ୍ତ ଅର୍ଥରାଶି ଜମା କରିଦେଇଥିଲେ, ମାତ୍ର ଜିଲ୍ଲା ବିଚାରପତି ସେହି ଅର୍ଥ ଉପରେ ଦେୟ ସୁଧକୁ ଅଗ୍ରାହ୍ୟ କରିଦେଇଥିଲେ । ଏହା ବିରୁଦ୍ଧରେ ଅପିଲ କରାଯିବାରୁ, ଉଚ୍ଚ ନ୍ୟାୟାଳୟ ଅପିଲକାରୀମାନଙ୍କୁ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ନ୍ୟାୟାଳୟରେ ଅପିଲ କରି ଅପିଲକାରୀମାନେ ଯୁକ୍ତି କରିଥିଲେ ଯେ, ଉତ୍ତରଦାତା ସୁଧ ପାଇବାକୁ ହକଦାର ନୁହଁନ୍ତି, କାରଣ ପୂର୍ବରୁ ସୁଧ ପ୍ରଦାନ କରିବା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନଥିଲା ।

**କର୍ତାର ସିଂହ ବନାମ ରାଜ୍ୟ**

**ଅପିଲଟିକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: 1.1 ଯେତେବେଳେ ଜମିର ମାଲିକ କିମ୍ବା ସମ୍ପୃକ୍ତ ବ୍ୟକ୍ତି ଏକ ଅଧିନିର୍ଣ୍ଣୟ ବା ଡିକ୍ରି ଆଧାରରେ କ୍ଷତିପୂରଣ ରାଶି ପାଇଥାନ୍ତି, ଯାହା ପରବର୍ତ୍ତୀ ସମୟରେ ଅପିଲରେ ରଦ୍ଦ, ପରିବର୍ତ୍ତିତ କିମ୍ବା ସଂଶୋଧିତ ହୋଇଯାଏ, ସେତେବେଳେ ଅଦାଲତ ସିପିସି ଧାରା 144 ଅଧୀନରେ ସେହି ଅର୍ଥକୁ ସୁଧ, ନିର୍ଦ୍ଧାରିତ କ୍ଷତିପୂରଣ କିମ୍ବା ହାନିପୂରଣ ସହିତ ରାଜ୍ୟ ସରକାରଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ କ୍ଷମତାପ୍ରାପ୍ତ ଅଟନ୍ତି । [924-G]**

**1.2 ପ୍ରତ୍ୟର୍ପଣ ପାଇଁ ମୂଳ ସର୍ତ୍ତ ହେଉଛି ଯେ, ବିଚାର ବିଭାଗୀୟ ଅଦାଲତଙ୍କ ଡିକ୍ରି ଅପିଲରେ କିମ୍ବା ଅନ୍ୟ କୌଣସି ପ୍ରକାରେ ରଦ୍ଦ ବା ପରିବର୍ତ୍ତିତ ହେବା ଆବଶ୍ୟକ । 'ପରିଣାମସ୍ୱରୂପ' ଶବ୍ଦଟି ମକଦ୍ଦମା ବା କାର୍ଯ୍ୟାନୁଷ୍ଠାନର ସେହି ପକ୍ଷଙ୍କ ଉପରେ ଥିବା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରେ, ଯିଏ ଏକ ତ୍ରୁଟିପୂର୍ଣ୍ଣ ଡିକ୍ରିରୁ ଲାଭ ପାଇଛନ୍ତି, ଯେପରି ସେ ଅନ୍ୟ ପକ୍ଷଙ୍କର ହୋଇଥିବା କ୍ଷତିର ଭରଣା ବା ପ୍ରତ୍ୟର୍ପଣ କରିବେ । [924-D]**

**1.3 ଡିକ୍ରିରଣୀ କେବଳ ଆଦାୟ କରାଯାଇଥିବା ମୂଳ ଧନ ନୁହେଁ, ବରଂ ସେହି ଅର୍ଥ ଅନ୍ୟ ପକ୍ଷଙ୍କ ପାଖରେ ରହିଥିବା ସମୟ ପାଇଁ ସୁଧ, କ୍ଷତିପୂରଣ କିମ୍ବା ହାନିପୂରଣ ପାଇବାକୁ ମଧ୍ୟ ହକଦାର । ଏହାର କାରଣ ହେଉଛି— ଯେଉଁ ବ୍ୟକ୍ତି ଡିକ୍ରିରଣୀଙ୍କ ଠାରୁ ଅନୁଚିତ ଭାବେ ଅର୍ଥ ଗ୍ରହଣ କରିଛନ୍ତି, ତାଙ୍କୁ ସ୍ୱାଭାବିକ ଭାବେ ସେହି ଅର୍ଥ ସହିତ ସେତିକି ସମୟର ସୁଧ ମଧ୍ୟ ଫେରସ୍ତ କରିବାକୁ ପଡ଼ିବ । [924-F]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 4155/1995 ।

ଇ.ଏଫ୍.ଏ. ସଂଖ୍ୟା 1374/1985 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 5.11.85 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଉମା ଦତ୍ତ ।

ଉତ୍ତରଦାତାଙ୍କ ତରଫରୁ ଜି.କେ. ବଂଶଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଅପିଲକାରୀମାନଙ୍କର ଯେଉଁ ଜମି ଅକ୍ଟୋବର 15, 1971 ରେ ପ୍ରକାଶିତ 'ଜମି ଅଧିଗ୍ରହଣ ଅଧିନିୟମ' ର ଧାରା 4 (1) ବିଜ୍ଞପ୍ତି ଅନୁଯାୟୀ ଅଧିଗ୍ରହଣ କରାଯାଇଥିଲା, ସେଥିପାଇଁ ଜମି ଅଧିଗ୍ରହଣ କଲେକ୍ଟର ଜାନୁୟାରୀ 24, 1973 ର ନିଜ ଅଧିନିର୍ଣ୍ଣୟରେ 1,30,949.30 ଟଙ୍କା ପ୍ରଦାନ କରିଥିଲେ । ବିଚାରାର୍ଥେ ପ୍ରେରଣ ପରେ, ଅତିରିକ୍ତ ଜିଲ୍ଲା ବିଚାରପତି ଅଗଷ୍ଟ 27, 1975 ର ଅଧିନିର୍ଣ୍ଣୟ ଏବଂ ଡିକ୍ରି ମାଧ୍ୟମରେ କ୍ଷତିପୂରଣକୁ ମାର୍ଲା ପିଛା 300 ଟଙ୍କା ହାରରେ ବୃଦ୍ଧି କରିଥିଲେ । ମାତ୍ର, ଉତ୍ତରଦାତାଙ୍କ ଦ୍ୱାରା ଦାୟର ଆର୍.ଏଫ୍.ଏ. ସଂଖ୍ୟା 15/1976 ରେ ଅପିଲରେ ଏହାକୁ ମାର୍ଲା ପିଛା 255 ଟଙ୍କାକୁ ହ୍ରାସ କରାଯାଇଥିଲା । ଅପିଲ ବିଚାରାଧୀନ ଥିବା ସମୟରେ, ଅପିଲକାରୀମାନେ ମେ 27, 1976 ରେ ଡିକ୍ରି କାର୍ଯ୍ୟକାରୀ କରି ବର୍ଦ୍ଧିତ କ୍ଷତିପୂରଣ ରାଶି ସୁଧ ସହିତ ଆଦାୟ କରିସାରିଥିଲେ । ତେଣୁ, ରାଜ୍ୟ ସରକାର ଫେବୃଆରୀ 28, 1983 ରେ ଅତିରିକ୍ତ ଅର୍ଥରାଶିକୁ ସୁଧ ସହିତ ଫେରସ୍ତ ପାଇବା ପାଇଁ ସିପିସି ଧାରା 144 ଅଧୀନରେ ଏକ ଆବେଦନ ଦାୟର କରିଥିଲେ । ଅପିଲକାରୀମାନେ ଫେବୃଆରୀ 21, 1985 ରେ ଅତିରିକ୍ତ ମୂଳ ଅର୍ଥ 57,920.26 ଟଙ୍କା ଜମା କରିଥିଲେ । ଜିଲ୍ଲା ବିଚାରପତି ମାର୍ଚ୍ଚ 15, 1985 ର ନିଜ ଆଦେଶରେ ଅତିରିକ୍ତ ଅର୍ଥର ପ୍ରତ୍ୟର୍ପଣକୁ କାଏମ ରଖିଥିବା ବେଳେ, ସେଥିପାଇଁ ଦେୟ ସୁଧକୁ ଅଗ୍ରାହ୍ୟ କରିଥିଲେ । ଏହା ବିରୁଦ୍ଧରେ ଅପିଲ କରାଯିବାରୁ, ଉଚ୍ଚ ନ୍ୟାୟାଳୟ ନଭେମ୍ବର 5, 1985 ର ନିଷ୍ପାଦନ ଏଫ୍. ଏ. ସଂଖ୍ୟା 1374/85 ରେ ଦେଇଥିବା ଆକ୍ଷେପିତ ଆଦେଶରେ ଅପିଲକାରୀମାନଙ୍କୁ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେଥିପାଇଁ, ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲ କରାଯାଇଛି ।

ଅପିଲକାରୀମାନଙ୍କ ବିଜ୍ଞ ଅଧିବକ୍ତା ଦୃଢ଼ତାର ସହ ଯୁକ୍ତି କରିଥିଲେ ଯେ, ସିପିସି ଧାରା 144 ଅଧୀନରେ ପ୍ରତ୍ୟର୍ପଣ ପାଇଁ କରାଯାଇଥିବା ଆବେଦନରେ ଉତ୍ତରଦାତା ସୁଧ ପାଇବାକୁ ହକଦାର ନୁହଁନ୍ତି, କାରଣ ସୁଧ ପ୍ରଦାନ କରିବା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନଥିଲା । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ । ଏହା ସ୍ୱୀକାର୍ଯ୍ୟ ଯେ, ଅପିଲକାରୀମାନେ ଅଧିନିୟମର ଧାରା 28 ଅନୁଯାୟୀ ଗଣନା କରାଯାଇଥିବା ସୁଧ ସହିତ ବର୍ଦ୍ଧିତ କ୍ଷତିପୂରଣ ରାଶି ହାସଲ କରିସାରିଥିଲେ ।

ସିପିସି ଧାରା 144 ଅଧୀନରେ, ପ୍ରତ୍ୟର୍ପଣ ସିଦ୍ଧାନ୍ତ ଏହା ବିଚାର କରେ ଯେ, ଯେତେବେଳେ ଜଣେ ଡିକ୍ରି-ଧାରୀ ଏକ ଡିକ୍ରିର ଜାରି ମାଧ୍ୟମରେ କୌଣସି ସମ୍ପତ୍ତି ପ୍ରାପ୍ତ କରନ୍ତି, ଯାହା ପରବର୍ତ୍ତୀ ସମୟରେ ଅପିଲରେ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ରଦ୍ଦ କିମ୍ବା ପରିବର୍ତ୍ତିତ

ହୋଇଯାଏ, ସେତେବେଳେ ନ୍ୟାୟାଳୟ ଡିକ୍ରି-ରଣିଙ୍କୁ ସେହି ସବୁ ସମ୍ପତ୍ତି ବା ଅଧିକାର ଫେରସ୍ତ କରିବାକୁ କ୍ଷମତାପ୍ରାପ୍ତ, ଯାହା ସେ ଡିକ୍ରିର ଜାରି ପ୍ରକ୍ରିୟାରେ ହରାଇଥିଲେ । ଏହା ସେହି ତ୍ରୁଟିପୂର୍ଣ୍ଣ ଡିକ୍ରିର ଏକ ପରିଣାମ ଅଟେ । ପ୍ରତ୍ୟର୍ପଣ ପ୍ରକ୍ରିୟାଟି ଡିକ୍ରିର ପରିବର୍ତ୍ତନ, ରଦ୍ଦ କିମ୍ବା ସଂଶୋଧନର ପରିଣାମସ୍ୱରୂପ ଅଟେ । ତେଣୁ, ପ୍ରତ୍ୟର୍ପଣ ପାଇଁ ମୂଳ ସର୍ତ୍ତ ହେଉଛି ଯେ, ନିମ୍ନ ଅଦାଲତଙ୍କ ଡିକ୍ରି ଅପିଲରେ କିମ୍ବା ଅନ୍ୟ କୌଣସି ପ୍ରକାରେ ରଦ୍ଦ ବା ପରିବର୍ତ୍ତିତ ହେବା ଆବଶ୍ୟକ । ପରିଣାମସ୍ୱରୂପ ଶବ୍ଦଟି ମକଦ୍ଦମା ବା କାର୍ଯ୍ୟାନୁଷ୍ଠାନର ସେହି ପକ୍ଷଙ୍କ ଉପରେ ଥିବା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରେ, ଯିଏ ଏକ ତ୍ରୁଟିପୂର୍ଣ୍ଣ ଡିକ୍ରିରୁ ଲାଭ ପାଇଛନ୍ତି, ଯେପରି ସେ ଅନ୍ୟ ପକ୍ଷଙ୍କର ହୋଇଥିବା କ୍ଷତିର ଭରଣା ବା ପ୍ରତ୍ୟର୍ପଣ କରିବେ । ତେଣୁ, ନ୍ୟାୟାଳୟ ପକ୍ଷମାନଙ୍କୁ ସେହି ସମାନ ସ୍ଥିତିକୁ ଫେରାଇ ଆଣିବାକୁ ବାଧ୍ୟ, ଯେଉଁ ସ୍ଥିତିରେ ସେମାନେ ନ୍ୟାୟାଳୟଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଥିଲେ, ଯେତେବେଳେ ନ୍ୟାୟାଳୟ ନିଜର ତ୍ରୁଟିପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେମାନଙ୍କୁ ଏଥିରୁ ହଟାଇ ଦେଇଥିଲେ । ସେହିଭଳି, ଯେଉଁଠାରେ ଏକ ଡିକ୍ରି ମାଧ୍ୟମରେ ଅର୍ଥରାଶି ଆଦାୟ କରାଯାଇଥିଲା ଏବଂ ପରେ ସେହି ଡିକ୍ରି ରଦ୍ଦ ବା ପରିବର୍ତ୍ତିତ ହେଲା, ସେଠାରେ ଡିକ୍ରି-ରଣି କେବଳ ଆଦାୟ ହୋଇଥିବା ମୂଳ ଧନ ନୁହେଁ, ବରଂ ସେହି ଅର୍ଥ ଅନ୍ୟ ପକ୍ଷଙ୍କ ପାଖରେ ରହିଥିବା ସମୟ ପାଇଁ ସୁଧ, କ୍ଷତିପୂରଣ କିମ୍ବା ହାନିପୂରଣ ପାଇବାକୁ ମଧ୍ୟ ହକଦାର । ଏହାର କାରଣ ହେଉଛି— ଯେଉଁ ବ୍ୟକ୍ତି ଡିକ୍ରି-ରଣିଙ୍କ ଠାରୁ ଅନୁଚିତ ଭାବେ ଅର୍ଥ ଗ୍ରହଣ କରିଛନ୍ତି, ତାଙ୍କୁ ସ୍ୱାଭାବିକ ଭାବେ ସେହି ଅର୍ଥ ସହିତ ସେତିକି ସମୟର ସୁଧ ମଧ୍ୟ ଏକ ଆନୁସଙ୍ଗିକ ରାଶି ଭାବରେ ଫେରସ୍ତ କରିବାକୁ ପଡ଼ିବ । ଜମିର ମାଲିକ କିମ୍ବା ସମ୍ପୃକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତି ଯେତେବେଳେ ଏକ ଅଧିନିର୍ଣ୍ଣୟ ବା ଡିକ୍ରି ଅଧୀନରେ କ୍ଷତିପୂରଣ ପାଇଥାନ୍ତି ଏବଂ ପରେ ତାହା ଅପିଲରେ ରଦ୍ଦ ବା ସଂଶୋଧିତ ହୋଇଯାଏ, ସେତେବେଳେ ନ୍ୟାୟାଳୟ ସିପିସି ଧାରା 144 ଅଧୀନରେ ସେହି ଅର୍ଥକୁ ସୁଧ, ନିର୍ଦ୍ଧାରିତ କ୍ଷତିପୂରଣ କିମ୍ବା ହାନିପୂରଣ ସହିତ ରାଜ୍ୟ ସରକାରଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ କ୍ଷମତାପ୍ରାପ୍ତ ଅଟନ୍ତି ।

ଏହା ଦେଖାଯାଉଛି ଯେ, ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ରାଶିକୁ ମାର୍ଲା ପିଛା 300 ଟଙ୍କାରୁ 255 ଟଙ୍କାକୁ ହ୍ରାସ କରିଥିଲେ ଏବଂ ଏହି ମଧ୍ୟବର୍ତ୍ତୀ ସମୟରେ ଅପିଲକାରୀମାନେ ଡିକ୍ରିର ଜାରି ମାଧ୍ୟମରେ ମାର୍ଲା ପିଛା 300 ଟଙ୍କା ହାରରେ ବର୍ଦ୍ଧିତ କ୍ଷତିପୂରଣ ରାଶି ସୁଧ ସହିତ ଆଦାୟ କରିସାରିଥିଲେ । ତେଣୁ, ବିଚାରାର୍ଥେ ପ୍ରେରଣ ହୋଇଥିବା ନ୍ୟାୟାଳୟଙ୍କ ଡିକ୍ରି କିମ୍ବା ଧାରା 54 ଅଧୀନରେ ହୋଇଥିବା ଅପିଲ ଆଧାରରେ ଆଦାୟ କରାଯାଇଥିବା ଅତିରିକ୍ତ ଅର୍ଥରାଶିକୁ ସୁଧ ସହିତ ପ୍ରତ୍ୟର୍ପଣ କରିବା ପାଇଁ ଅପିଲକାରୀମାନେ ଦାୟୀ ଅଟନ୍ତି । ଧାରା 23 (1) ଅଧୀନରେ

ବର୍ଦ୍ଧିତ କ୍ଷତିପୂରଣର ପରିବର୍ତ୍ତନ, ରଦ୍ଦ କିମ୍ବା ଖାରଜ ହେବା ଏବଂ ବର୍ଦ୍ଧିତ କ୍ଷତିପୂରଣ ଉପରେ ଧାରା 28 ଅନୁଯାୟୀ ବୈଧାନିକ ସୁଧ ତଥା ନ୍ୟାୟାଳୟଙ୍କ ଡିକ୍ରି ବା ଆଦେଶ ଅନୁଯାୟୀ ପ୍ରଦାନ କରାଯାଇଥିବା ସାନ୍ତ୍ଵନାମୂଳକ ଅତିରିକ୍ତ କ୍ଷତିପୂରଣ ଉପରେ ସୁଧର ଗଣନା ପରିପ୍ରେକ୍ଷୀରେ, ସୁଧ, ହାନିପୂରଣ କିମ୍ବା କ୍ଷତିପୂରଣ ପ୍ରଦାନ କରିବା ଏକ ପରିଣାମସ୍ୱରୂପ ବିଷୟ ଅଟେ । ମୂଳ ଡିକ୍ରି ଦ୍ୱାରା ଜମି ମାଲିକ ପାଇଥିବା ସମସ୍ତ ସୁବିଧାର ପ୍ରତ୍ୟର୍ପଣ ପାଇବା ପାଇଁ ରାଜ୍ୟ ହକଦାର । ସୁଧ ସହିତ ଅର୍ଥ ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା, ସିପିସି ଧାରା 144 ଅଧୀନରେ ନ୍ୟାୟାଳୟଙ୍କୁ ପ୍ରଦତ୍ତ କ୍ଷମତା ପରିସରଭୁକ୍ତ ଅଟେ । ତେଣୁ, ଅପିଲକାରୀମାନେ ଟଙ୍କା ପାଇବା ଦିନଠାରୁ ଫେରସ୍ତ ବା ପ୍ରତ୍ୟର୍ପଣ କରିବା ତାରିଖ ପର୍ଯ୍ୟନ୍ତ ସେହି ଅର୍ଥର ଉପଯୋଗ କରିଥିବାରୁ, ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ସୁଧ ସହିତ ବର୍ଦ୍ଧିତ ଅର୍ଥ ଫେରସ୍ତ କରିବାକୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ରୂପେ ଠିକ୍ ଅଟେ ।

ଏହି ଅପିଲକୁ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍. ଅପିଲଟିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**